# ତ୍ରୟୋବିଂଶ ପରିଚ୍ଛେଦ

**କର୍ମଫଳ :**

ଗୋପାଳପୁର ପାଖରେ ବିରୂପା ନଦୀଟା ଭାରି ଚୌଡ଼ା , ଅଧେକୋଶରୁ ଊଣା ନୁହେଁ ମାତ୍ର ଧାରଟା ତେତେ ଚୌଡ଼ା ନୁହେଁ, ଗଣ୍ଡଗୋଳିଆ ଜାଗାକମ୍ ଚୌଡ଼ା ହୁଏ । ନଦୀର ଦକ୍ଷିଣ ତରଫଟାରେ ଧାର, ଗୋପାଳପୁର ଘାଟଠାରେ ତୁଚ୍ଛା ବାଲି । ସେହିପରି ଟାଣୁଆ ବଢିହେଲେ ତୋଠଯାଏ ପାଣିଯାଏ । ଦଶ ବାର ଦିନ ହେଲା ସେହିପରି ବର୍ଷା ନ ଥିବାରୁ ନଦୀଟା ଛାଡ଼ିଥିଲା, ଗଲା ପରଦିନ ଓପର ଓଡିଠାରୁ ଅଳ୍ପ ଅଳ୍ପ ପାଣି ପଡୁଅଛି, ମେଞ୍ଚା ମେଞ୍ଚା ଫେଣ ଧାଡ଼ି ଧାଡ଼ି ହୋଇ ଭାସିଯାଉଛି । କୌଣସି କୌଣସି ସ୍ଥାନରେ ପାଣିକଖାରୁ ପରି ଫେଣଟାଏ ଭଉଁରୀରେ ପଡ଼ି ଭାଙ୍ଗି ଟିକି ଟିକି ହୋଇଯାଉଛି । କାଠିକୁଟା କେତେ ଭାସିଯାଉଅଛି ଠିକଣା ନାହିଁ । ଗଣ୍ଡଜାଗା ଥିବାରୁ ଏଠାରୁ ଗୋମୁଁହା କୁମ୍ଭୀରର ଉପଦ୍ରବ ଭାରି, ଦଢିଆଣି, ପଣ ଘଡ଼ିଆଳ ତ ପଣ । ଏଠାରେ ଭରସି ଆଣ୍ଠୁ ଆଣି ପାଣିରୁ କେହି ବେଶି ପାଣିକି ଯାଇପାରେ ନାହିଁ । ପୁଣି ନୂଆ ପାଣି ପଡ଼ିଲେ କୁମ୍ଭୀର ଗୁଡ଼ିକ ଭାରି ମାତନ୍ତି । ନୂଆ ବଢିକି ପରତେ ନାହିଁ, ଫେଣରେ କୁମ୍ଭୀର ଖାଏ । ' ତୋଠରେ ଦିନରାତି ଖଣ୍ଡିଏ ଡ଼ଙ୍ଗା ବନ୍ଧା ହୋଇଥାଏ; ଗାଉଁଲୀ ଲୋକେ, ହାଟୁଆ ଲୋକେ ପାରିହୁଅନ୍ତି । ସରକାରୀ ଡ଼ାକ ପାରିକରିବା ସକାଶେ ନାଉରୀ ଦିନରାତି ପଲାମାରି ଜଗିଥାଏ, ସରକାରରୁ ମାସକୁ ଦୁଇଟଙ୍କା ଦରମା ପାଏ । ଗାଉଁଲୀ ଲୋକେ ନଗଦ କିଛି ଦିଅନ୍ତି ନାହିଁ, ପୁଷମାସ ଧାନକଟା ସମୟରେ ନାଉରୀ ବିଲ ବିଲ ବୁଲି ପ୍ରତି ଘରୁ ଗୋଟିଏ ଗୋଟିଏ ହଳା ଅସୁଲ କରେ । ହାଟପାଳି ଦିନ ବାଟୁଆମାନେ କେହି ପିତାଶୁଖୁଆ ପୁଞ୍ଜାଏ , କେହି ବାଇଗଣ ଯୋଡ଼ାଏ, କେହି ଲୁଣ ଚିମୁଟେ, କେହି ତେଲ ଦିଟୋପା ଦେଇଯାଏ । କୌଣସି କୌଣସି ଦିନ ବଡ଼ ବଡ଼ ମହାଜନ ଅଚିହ୍ନା ବାଟୋଇ ପହଞ୍ଚିଗଲେ ପଇସାଏ ଅଧଲାଏ ଖଜାଖିଆ ଦେଇଯା'ନ୍ତି । ଦେଶ କାଳ ପାତ୍ର ଘେନି ଏହି ଲାଭ ଊଣା ଅଧିକ ହୁଏ; ମାତ୍ର ସରକାରୀ ମନୁଷ୍ୟ ଅର୍ଥାତ୍ ଥାନାଦାରୋଗା, ମୁନିସି, କାନଗୋଇ ପାର ହେବାଦିନ କାନମୋଡ଼ାଟା, ଚାପୁଡ଼ାଟା, ଗାଳିଟା କେଭେ ଊଣା ହୁଏ ନାହିଁ । କେଉଟ ଚାନ୍ଦିଆ ବେହେରା କହେ, ଏହି ଘାଟ ବହି ତା ଦିହକ

ପାହିଲାଣି, ତା' ପରି ଜଣେ ଆଣ୍ଠୁଆ   ନାଉରୀ ଏ ଖଣ୍ଡମଣ୍  ଡଳରେ ଦେଖାନାହିଁ ।
''

ରାତି ଶେଷ ହୋଇଆସିଲାଣି । ରାତିରେ ଭାରି ବର୍ଷା ; ଭାରି ତୋଫାନ ଥିଲା, ବର୍ତ୍ତମାନ   ପାଣି କିମ୍ବା  ପବନ ନାହିଁ, ମେଘଟା ସେହିପରି ଘୋଡ଼ାଇଛି, ଅକାରଣ କେଉଁଠି କିପରି ଫାଙ୍କରେ  ସାନ ସାନ ତରାଟିମାନ ଜୁଳୁ ଜୁଳୁ କରି ଅନାଇ ଲୁଚିଯାଉଛନ୍ତି  । ଠିକ୍ ଏହି ସମୟରେ ଜଣେ ବାଟୋଇ ସାନ ଗଣ୍ଠିରା  ଟିଏ ପିଠିରେ ବୋକଚା କରି ତୋଠ ପାଖରେ ନଦୀ କୂଳେ କୂଳେ ବୁଲୁଅଛି, ନଦୀ କୂଳେ କୂଳେ ଚାରି ପାଞ୍ଚଶ   ହାତ ଚାଲିଯାଇ ପୁନର୍ବାର   ତୋଠ ଠାକୁ ଫେରିଆସୁଅଛି । ଜଣାଯାଏ ପହଁରି ନଦୀପାର ହେବାର ଲୋକଟାର ଇଚ୍ଛା  , ହେଲେ ବଳ ଖଟୁ ନାହିଁ । ତୋ ଠାରେ ଠିଆ ହୋଇ ଡ଼ାକିଲା, ''ଏ ନାଉରି ଭାଇ, ଏ ନାଉରି ଭାଇ !'' ଚାନ୍ଦିଆ ବେହେରା, ବାଲିରେ କାତଟା ପୋତି ଖଣ୍ଡେ  ଲମ୍ବା  ଦଉଡ଼ିରେ ଡ଼ଙ୍ଗାଟା  ଖଟାଇ ଦେଇ ତୁଠ ପାଖରେ ଭୂଇଁପଲାରେ ଶୋଇଅଛି । ବାଟୋଇ ପୁନର୍ବାର   ଥରେ ଅତି ସାବଧାନରେ ଡ଼ାକିଲା, ''ଏ ନାଉରି ଭାଇ, ଏ ନାଉରି ଭାଇ !'' ବାଟୋଇ ଡ଼ାକିସାରି ଚମକି ପଡ଼ିଲାପରି ଥରେ ପଛକୁ ଅନାଇଲା । ନାଉରି କି ଶୋଇ ଯାଇଛି ?  ଏତେ ଡ଼ାକର ଜବାବ ନାହିଁଁ ? ମାତ୍ର  ଆମ୍ଭମାନେ  ନିଶ୍ଚୟ  ଜାଣୁ, ନାଉରି  ରାତି ଘଡ଼ିଏ ଥାଉଁ ଉଠି ବସିଥାଏ ।  ଶାସ୍ତ୍ରକାରମାନେ  ବୋଲି ଅଛନ୍ତି , ବ୍ରାହ୍ମମୁହୂର୍ତ୍ତରେ   ଶଯ୍ୟା ତ୍ୟାଗ କରିବ । ଶାସ୍ତ୍ରବିଧି   ପାଳିବା ସକାଶେ ଯେ ଚାନ୍ଦିଆ   ଉଠିଥାଏ, ଏହା ନୁହେଁ । ଦିନେ ଦିନେ ରାତି ପିଛିଲା ପହରରେ ଡ଼ାକ ଆସି ପଡ଼ିଯାଏ, ସେଥିସକାଶେ ସେ ଜାଗ୍ରତ   ଥାଏ । ଆଉ ଗୋଟିଏ କଥା, ସଞ୍ଜ ବେଳକୁ ଘାଟ ବନ୍ଦ  ହୋଇଯାଏ, ସଅଳେ ସଅଳେ ଚାରିଟା ଖାଇଦେଇ ଶୋଇପଡ଼ିଥାଏ । ରାତିଟାଯାକ କେତେ ଶୋଇବ ? ଚାନ୍ଦିଆ   ପଲା ମଧ୍ୟରେ ଦୁଇ ଆଣ୍ଠୁ  ଉପରେ ମୁଣ୍ଡଟି  ଦେଇ ଠୁଙ୍ଗା  ହୋଇ ବସିଛି,  ଆଗରେ ନିଆଁ ଉହ୍ଲେଇ  , ଚଷୁ ନିଆଁକୁ  ଦୁଇହାତ ବଢାଇ ଦେଇଅଛି । ବୋଧହୁଏ ସେ ମନ ମଧ୍ୟରେ   ଭାଳୁଛି, ଅବେଳରେ ଏ ବାଟୋଇବା କିଏ ? ସରକାରୀ ଲୋକ ତ ନିଶ୍ଚୟ  ନୁହେଁ, ଏ ଲୋକଟା 'ଭାଇ ଭାଇ ' ଡାକୁଛି, ସରକାରୀ ଲୋକ ହୋଇଥିଲେ ତା ଘରଆଡ଼ ଭାଇ ଲେଖା କରି ଡ଼ାକନ୍ତା  । ଯିଏ ହେଉ ଡ଼ାକୁଥାଉ, ରାତି  ପାହୁ ଦେଖିବି । ପୁନର୍ବାର   ଡ଼ାକ ''ଏ ନାଉରି ଭାଇ, ଆ ବାହାରି ଆ, ଖଜଖିଆ ଦେବି ।

'' ଚାନ୍ଦି ଆ ଆଉ ସମ୍ଭାଳିପାରିଲା  ନାହିଁ, ଖଜାଖିଆ ନାଁ ଶୁଣି ଦୁଇ ତିନିଥର କାଶିଲା । ଖଜାଖିଆ ଶବ୍ଦରେ  କିପରି ଗୋଟାଏ  ମନମୋହନ ଶକ୍ତି  ଅଛି, ନାଉରି ତ ନାଉରି, ଖଜାଖିଆ ଶବ୍ଦ  ଶୁଣିଲେ କେଡ଼େ କେଡ଼େ ଲୋକମାନେ କାଶିପକାନ୍ତି  । ଚାନ୍ଦିଆ  ପଲା ମଧ୍ୟରୁ  ଜବାବ ଦେଲା, କିଏ ପାଟି କରୁଛ ହୋ, ରୁହ ରାତି ପାହୁ, ଲକ୍ଷେ  ଟଙ୍କା  ଦେଲେ ତ ମୁଁ ବାହାରକୁ ବାହାରିବି ନାହିଁ । ''

ବାଟୋଇ - ଦେଖ, ଭାଇ ନାଉରି, ମୋର କଟକରେ ମାମଲା ଅଛି, ଚଞ୍ଚଳ ଯିବି, ନେ ପାଞ୍ଚ  ଟଙ୍କା  ନେ ।

ପାଞ୍ଚ  ଟଙ୍କା  ! ଏ କ'ଣ ଏ ! ଗୋଟାଏ ପଖାରିକୁ ପାଞ୍ଚ  ଟଙ୍କା  ? ଚାନ୍ଦିଆ  ଜୀବନରେ କେବେ ଏପରି ଘଟନା ଘଟି ନାହିଁ, ଏକା ବେଳକେ ପାଞ୍ଚ  ଟଙ୍କା  ତା ହାତରେ ପିଡ଼ିଛି କି ନାହିଁ, ସେ ବିଷୟ ଆମ୍ଭମାନଙ୍କର   ଘୋର ସନ୍ଦେହ  ଅଛି । ସେ ପୂର୍ବ  ମୁହୂର୍ତ୍ତରେ   ପ୍ରତିଜ୍ଞା   କରିଥିଲା, ଲକ୍ଷେ  ଟଙ୍କା ପାଇଲେ ମଧ  ବାହାରନ୍ତା  ନାହିଁ, ଲକ୍ଷକରୁ  ପାଞ୍ଚ  ଫେଡ଼ି ଦେଲେ ବାକି କେତେ ଊଣା ହେଲା, ଏ କଥା ଆଲୋଚନା କରିବା ବୋଧହୁଏ ଅନାବଶ୍ୟକ  ବୋଧ କଲା । ଏଣେ ଡ଼ର, ବାଟୋଇ ଯେବେ ବାହୁଡ଼ିଯାଏ, ଅବା ରାତି ପାହିଗଲେ ପଇସାଟିଏ ନୋହିଲେ ଯୋଡ଼ାଏ । ଚାଳିଆ ପଲାଭିତରୁ ଡ଼ାକ ଦେଲା, ''ରହ ତେବେ ରହ, ମୁଁ ଯାଏ । '' ନିଆଁ ଉପରେଫୁଙ୍କି  ଫୁଙ୍କି  କାହାଳି ଲଗାଇ ହାତରେ ଆଭୁଲାଟାଏ ଧରି ପଲାରୁ ବାହାରିପଡ଼ିଲା, ପିନ୍ଧିଲା  ଲୁଗାପଟା ଅଣ୍ଟାରେ  ଭିଡ଼ି ଦେଇ ମୁଣ୍ଡରେ  ଗାମୁଛାଟା ଗୁଡ଼େଇ ଟୋପରଟା ଥୋଇଦେଲା । ବାଟୋଇକୁ କହିଲା ''ଆଣ ଆଣ କ'ଣ ଦେଉଛ ଦିଅ । ତୁମେ ବୋଲି ମୁଁ ବସାରୁ ବାହାରିଲି, ଆଉ କେହି ହେଇଥିଲେ ମୁଁ କି ଉଠିଥାନ୍ତି  ?'' ବାଟୋଇ ପାଞ୍ଚଟି  ଟଙ୍କା ବଢାଇଦେଲା । ନାଉରି ଦୁଇ ହାତରେ ଏକ, ଦୁଇ, ତିନି, ଚାରି, ପାଞ୍ଚ  , ଏ ହାତ ସେ ହାତ କରି ତିନିଥର ଗଣିଲା । 'ଟଙ୍କା  ନେବ ଗଣି, ପାଣି ପିଇବା ଛାଣି । ' କାହାଳିଂଚ୍ଚିଳରେ ଭିଡ଼ିନେଇ ଆଲୁଅରେ ଥରେ ଟଙ୍କା  ଗୁଡ଼ାକ ଦେଖିନେଲା । କୁଞ୍ଚକାନିରେ  ବାନ୍ଧି  ଅଣ୍ଟାରେ  ଭଲ କରି ଖୋଷିଦେଇ ଆକାଶକୁ  ପୁଣି ଚାରିଆଡ଼କୁ ଅନାଇଲା, ଆଉ ରାତି ନାହିଁ । ବାଟୋଇ ନାଆ ଆଗ ମଙ୍ଗରେ ବସିସାରିଲାଣି । ନାଉରି ଡ଼ାକିଦେଲା ''ଭଲ କରି ସମ୍ଭାଳି  ବସ । '' ଡ଼ଙ୍ଗାରେ ଡ଼ାହାଣ ହାତ ତିନି ଥର ଲଗାଇ ମୁଣ୍ଡରେ  ମାରି ଫିଟାଇଦେଲା, 'ଜେ ଗଙ୍ଗା

ମାତା', କହି ନାଆରେ ଉଠିବସିଲା । ଉପର ପାଣି ତୋଡ଼ ପଡ଼ିଛି, ସମ୍ଭାଳି ହେଉ ନାହିଁ, ଆଉଲା ବାହୁ ବାହୁ ଡ଼ଙ୍ଗାଟା ଢେର ତଳକୁ ଭାସିଗଲା । ସମ୍ଭାଳି ଟେକୁ ଟେକୁ ନଦୀ ଛ'ପଣି ଦଶପଣି ହୋଇଅଛି, ରାତି ପ୍ରାୟ ପାହିଆସିଲାଣି । ଗୋପାଳପୁର ତୋଠପାଖରୁ ଗୋଟାଏ ଗୀତ ଶୁଭିଲା -

'ଏ-ଏ-ଏ- ରାମ ଯେ ଲଇକ୍ଷଣ ହେ ଗଲେ ମୃଗ ମାରି
କୁଡ଼ିଆ ଦୁଆରେ ଆସି ଉଭା ବ୍ରହ୍ମଚାରୀ
ବୋଇଲେ ସୀତୟା ଗୋ ଭିକ୍ଷା ଦିଅ ଆମ୍ଭଙ୍କୁ ,
ନୋହିଲେ ଅଭିଶାପ ଗୋ ଦେବୁ ରାମ ଲଇକ୍ଷଣଙ୍କୁ ।'

ବାଟୋଇ ଡ଼ଙ୍ଗାରେ ବସି ବାରମ୍ଭାର ଗୋପାଳପୁର ତୋଠଆଡ଼କୁ ଚାହିଁଛି । ଗୀତର ଶବ୍ଦ ଅବିରଳ ଅନ୍ଧକାରରାଶି ଭେଦ କରିକାନରେ ପଡ଼ିବାରୁ ବାଟୋଇ ଚଙ୍ଗ ଚଙ୍ଗ ହୋଇ ଠିଆ ହୋଇ ସେ ଦିଗକୁ ଅନାଇଲା । ନାଉରି କାନକୁ ଶବ୍ଦ ଯାଇ ନାହିଁ, ଏକମନରେ ଡ଼ଙ୍ଗା ବାହୁଥିଲା, ଡ଼ଙ୍ଗା ଟଳ ଟଳ ହେବାରୁ ଡ଼ାକି ଦେଲା, 'ଆରେ ବସିପଡ଼ ।' ବାଟୋଇର ଭାବ ଦେଖି ନାଉରି ମଧ୍ୟ ତୋଠଆଡ଼କୁ

ଚାହିଁ କହିଲା , ଓହୋ ; ଟପାଟା ହାବୁଡ଼ିଲା ଯେ ।' ଏହା କହି ଡ଼ଙ୍ଗା ମଙ୍ଗ ଫେରାଇଦେଲା । ବାଟୋଇ ବ୍ୟାକୁଳ ହୋଇ କହିଲା , ''ଏ ନାଉରୀ ଭାଇ , ଡଙ୍ଗା ଫେରା ନା , ଫେରା ନା , ମୋତେ ଆଗ ପାରି କରିଦେ ।''ନାଉରୀ କହିଲା , ''ମଲା ଯା , ସରକାରୀ କଥା , ମୁଁ କଣ ଜେଲ ଯିବି ?''ରାତ୍ର ଶେଷ, ଅଳ୍ପ ଅଳ୍ପ ଆଲୁଅ ପଡ଼ିଲାଣି , ନାଉରୀ ଦେଖିଲା ବାଟୋଇର ସର୍ବାଙ୍ଗ ରକ୍ତମୟ , ଲୁଗାରେ ରକ୍ତ , ବୋକଚାରେ ରକ୍ତ । ଦୋଳରେ ଫଗୁ ଖେଳିଲାପରି ଲାଲ ଟହ ଟହ ଦିଶୁଅଛି । ନାଉରୀ ଚମକିପଡ଼ି କହିଲା , ''କଣ ହେ ! ରକ୍ତ କାହୁଁ ଅଇଲା ? ତୁମେ କ'ଣ କାହାକୁ ମାରିଛ ? ବାଟୋଇ ଚଞ୍ଚଳ ଗଣ୍ଠିରାଟି ଧରି , ନାଉରୀ ହାଁ ହାଁ କହୁଁ କହୁଁ ନଦୀକୁ ଡ଼େଇଁ ପଡ଼ିଲା । ପନ୍ଦର କୋଡିଏ ହାତ ପହଁରି ଯାଉଁ ଯାଉଁ କାହୁଁ ଗୋରିଏଗୋମୁହଁ । କୁମ୍ଭୀର ଆସି ଟପ୍‌କରି ଧରିପକାଇଲା, ଗଣ୍ଠିରାଟି ଅଳ୍ପ ଦୂର ଭାସିଯାଇ ବୁଡ଼ିଗଲା । ଚାନ୍ଦିଆ ଚାହିଁଥାଏ । ଏ ଲୋକଟା କିଏ , କେଉଁଠାରୁ ଅଇଲା , କାହିଁ ଯାଉଁଥିଲା ? ବୁଝିବା ହେଲେ ପାଠକ ଅବଧାନ ! ଆମ୍ଭେମାନେ ହେଲୁ ଗ୍ରନ୍ଥକାର , ସୁତରାଂ ସର୍ବଜ୍ଞ । ଏହି ସେ କୁମ୍ଭୀର ଲୋକଟାକୁ

ଘେନିଗଲା , କ଼ିପାଇଁ ଘେନିଗଲା , କାହିଁ ଘେନି ଗଲା , ତାହା ସହିତ ସଦ୍ ବ୍ୟବହାର କଲାକି ଅସଦ୍ ବ୍ୟବହାର କଲା , ଏ ସମସ୍ତ ଗୁପ୍ତ ବିଷୟ ଆମ୍ଭ ମାନଙ୍କୁ ଭଲ ଜଣା । ହେଲେ , ଚାନ୍ଦିଆ ବେହେରା କୌଣସି କାରଣରୁ ଏ କଥା ଅନେକ ଦିନ ପର୍ଯ୍ୟନ୍ତ ଲୁଚାଇଥିବାରୁ ଆମ୍ଭେମାନେ ପ୍ରକାଶ କରିବାକୁ ନାରାଜ । ଲୋକଟା ଡଙ୍ଗାରୁ ପାଣିକି ଡେଇଁ ପଡ଼ିବାବେଳେ ତାହା ଗଣ୍ଠିରିରୁ ଡେମ୍ଫେ ଲମ୍ବ ବିଡ଼ାଏ ତାଳପତ୍ର ଡଙ୍ଗାରେ ପଡ଼ିଯାଇଥିଲା । ସେହିବିଡ଼ାଟା ଚାନ୍ଦିଆ ପଲା ମଧ୍ଯରେ ଲୁଚାଇ ରଖିଥାଏ । କିଛିଦିନ ଉତ୍ତାରେ ଜଣେ ପଢ଼ାରି ଅବଧାନକୁ ପଢ଼ାଇବାରେ ସେ ଖଣ୍ଡେ ପତ୍ରରୁ ଏହିପରି ପଢ଼ିଲେ -

ଶ୍ରୀ ଶ୍ରୀ ମୁକୁନ୍ଦଦେବଙ୍କ ସାତ ଅଙ୍କ କୁମ୍ଭମାସ କୃଷ୍ଣପକ୍ଷ ଦ୍ବିତୀୟା ଦିନ ବେଳ ଦୁଇ ଘଡ଼ି ସମୟରେ ଗୋବିନ୍ଦପୁର ଜମିଦାର ରାମଚନ୍ଦ୍ର ମଙ୍ଗରାଜ ମହାଜନଙ୍କ ସୁସାକ୍ଷାତକୁ ଏହି ଗ୍ରାମର ରହିବା ଲୋକ ତେଲିପୁଅ ଶ୍ୟାମସାହୁର ଦେଲି ଗୁଜା , ଏନିମନ୍ତେ ଗୁଜା ଲେଖିଦେଲେ କି ମୋ ପୁଅ ଭୀମା ବିଭାଘରକୁ ଆପଣଙ୍କଠାରୁ ଦଶଟଙ୍କା କରଜ ନେଲି ; ଆସନ୍ତା ଧନୁ ମାସରେ ମୋ ଖଳା ଉପରୁ ଆପଣଙ୍କ ଖମାର ଗଉଣୀରେ ଦାଣ୍ଡ ଭାଉ ପ୍ରମାଣେ ଧାନ ମାପିନେଇ ତହିଁ କଳନ୍ତରକୁ ଅଧା କି ମୂଳ ନଉତିକେ ଆଠ ବିଶ୍ବା ପରିମାଣରେ ମାପିନେବେ । ଏ ପ୍ରମାଣ , ଏଥକୁ ସାକ୍ଷୀ ଚନ୍ଦ୍ର ସୂର୍ଯ୍ୟ ଦଶ ଦିଗପାଳ ।

ଚାନ୍ଦିଆ ବେହେରା ଡଙ୍ଗା ବାହିନେଲାବେଳେ ଢେର୍ ଦିନପର୍ଯ୍ୟନ୍ତ ଠିକ୍ ସେହି ସ୍ଥାନରେ ଥରେ ଅନାଏ ।

--0--